# ଆଇଆଇଟି ପ୍ରତିଷ୍ଠା ଓ ଓକିଲଙ୍କ ଆନ୍ଦୋଳନ ନେଇ ଗୃହରେ ହଟ୍ଟଗୋଳ

ଭୁବନେଶ୍ୱର, ତା ୧୩।୩ (ଭୁ.ପ୍ର)- ହାଇକୋର୍ଟର ସ୍ଥାୟୀବେଞ୍ଚ ପ୍ରତିଷ୍ଠା ଦାବିନେଇ ଚାଲିଥିବା ଓକିଲମାନଙ୍କର ଆନ୍ଦୋଳନ ଆଜି ବିଧାନସଭାରେ ପ୍ରତିଧ୍ୱନିତ ହୋଇଛି । ଏହି ପ୍ରସଙ୍ଗରେ ବିରୋଧୀଦଳ ପକ୍ଷରୁ ଦିଆଯାଇଥିବା ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ପାଇଁ ଦିନ ଧାର୍ଯ୍ୟ କରିବାକୁ ବିରୋଧୀ ବିଧାୟକମାନେ ଗୃହର ମଧ୍ୟଭାଗକୁ ଚାଲିଆସି ହଟ୍ଟଗୋଳ କରିଥିବାବେଳେ ଶାସକ ଦଳର ସଭ୍ୟମାନେ ଓଡ଼ିଶାରେ ଆଇଆଇଟି ପ୍ରତିଷ୍ଠା ଦାବିରେ 'ସ୍ଲୋଗାନ' ମାନ ଦେଇଥିଲେ । ଫଳରେ ଗୃହରେ ହଟ୍ଟଗୋଳ ଲାଗିରହିବାରୁ ଉପବାଚସ୍ପତି ପ୍ରହଲ୍ଲାଦ ଦୋରା ଗୃହକୁ ଦୁଇଥର ମୁଲତବୀ ରଖିଥିଲେ । ଆଜି ଶୂନ୍ୟକାଳ ଆରମ୍ଭ ହେବା ମାତ୍ରେ ସ୍ୱତନ୍ତ୍ର ଉଲ୍ଲେଖ ଜରିଆରେ ବିଧାୟକ ମହେଶ ସାହୁ ପ୍ରଥମେ ଏ ପ୍ରସଙ୍ଗ ଉଠାଇ କହିଲେ ଯେ ବ୍ରହ୍ମପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଓକିଲମାନେ ଦୀର୍ଘଦିନଧରି ଆନ୍ଦୋଳନ ଚଳାଇ ରଖିଛନ୍ତି । ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ଏହି ଦାବିକୁ ସମର୍ଥନ ଜଣାଇ ଆମରଣ ଅନଶନ କରୁଛନ୍ତି । ପଶ୍ଚିମ ଓଡ଼ିଶାରେ ମଧ୍ୟ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଆନ୍ଦୋଳନ ଜାରି ରଖିଛନ୍ତି । ଆନ୍ଦୋଳନ ଯୋଗୁଁ ବିଚାର ବ୍ୟବସ୍ଥା ଏକପ୍ରକାର ଭୁଶୁଡ଼ି ପଡ଼ିଛି । ତେଣୁ ସରକାର ତୁରନ୍ତ ଏ ଦିଗରେ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଲୋଡ଼ିବା ସହ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି କରିଥିଲେ । କଂଗ୍ରେସ ଉପନେତା ନରସିଂହ ମିଶ୍ର ଏକ ବୈଧାନିକ ପ୍ରଶ୍ନ ଉଠାଇ କହିଥିଲେ ଯେ ଏହି ପ୍ରସଙ୍ଗରେ ଆଲୋଚନା ଲାଗି ସେ ବହୁ ପୂର୍ବରୁ ଲେଖିକରି ଦେଇଛନ୍ତି । ବିରୋଧୀଦଳ ପକ୍ଷରୁ ମୁଲତବୀ ପ୍ରସ୍ତାବ ଦିଆଯାଇଛି । ତେଣୁ ତାଙ୍କୁ ସୁଯୋଗ ଦିଆନଯାଇ ତାଙ୍କ ପଛରେ ପ୍ରସ୍ତାବ ରଖିଥିବା ଶାସକ ସଭ୍ୟଙ୍କୁ ଦିଆଗଲା । ଏହାପଛରେ ଗୃହର ନେତା ଓ କିଛି ସଦସ୍ୟଙ୍କ ଷଡ଼ଯନ୍ତ୍ର ରହିଥିବା ଅଭିଯୋଗ କରି ଏପରି କାହିଁକି କରାଗଲା ବୋଲି ଜାଣିବାକୁ ଚାହିଁଥିଲେ । ଉପବାଚସ୍ପତି ଶ୍ରୀ ଦୋରା ଏଥିଲାଗି ଦୁଃଖ ପ୍ରକାଶ କରିବା ସହ ଶ୍ରୀ ମିଶ୍ରଙ୍କୁ କହିବାକୁ ଡାକିଥିଲେ । ଶ୍ରୀ ମିଶ୍ର କହିଥିଲେ ଯେ ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ୧୯୫୯ ଓ ୧୯୬୧ ମସିହାରେ ହାଇକୋର୍ଟ ସୁପାରିଶ କରିଥିବାବେଳେ ପରବର୍ତ୍ତୀ ଅବସ୍ଥାରେ ମଧ୍ୟ ବଲାଙ୍ଗୀର ପାଇଁ ସୁପାରିଶ କରାଯାଇଥିଲା । ଶ୍ରୀ ମିଶ୍ର ଏହି ପ୍ରସଙ୍ଗ ଉଠାଇ କହିଲେଯେ ରାଜ୍ୟରେ ବିଚାର ବିଭାଗୀୟ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି । ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପଶ୍ଚିମ ଓଡ଼ିଶାର ଓକିଲମାନେ ଦୀର୍ଘ ଦିନହେଲା ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଆନ୍ଦୋଳନ ଜାରି ରଖିଛନ୍ତି । ମାତ୍ର ଏ ଦିଗରେ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି କି ଓକିଲମାନଙ୍କ ସହ ଆଲୋଚନା ମଧ୍ୟ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି । ମୁଖ୍ୟମନ୍ତ୍ରୀ ଗୋଟିଏ ଚିଠି ଲେଖିଦେଇ ତାଙ୍କ ଦାୟିତ୍ୱ ନିର୍ବାହ କରିଦେଇଛନ୍ତି । ସ୍ଥାୟୀବେଞ୍ଚ ପ୍ରତିଷ୍ଠା ପାଇଁ କେନ୍ଦ୍ରର ଅନୁମତି ନେବା ଜରୁରୀ ଓ ଏ ସମ୍ପର୍କରେ ରାଜ୍ୟ ସରକାର ପ୍ରସ୍ତାବ ଦେଲେ କେନ୍ଦ୍ରସରକାର ତାକୁ ବିଚାର କରି ଦେଖିବେ ବୋଲି ଘୋଷଣା କରିସାରିଛନ୍ତି । ତୁରନ୍ତ ଏ ପ୍ରସଙ୍ଗ ଉପରେ ରାଜ୍ୟସରକାର କେନ୍ଦ୍ରକୁ ପ୍ରସ୍ତାବ ଦିଅନ୍ତୁ ବୋଲି ସେ ଦାବି କରିଥିଲେ । ବିଭିନ୍ନ ସ୍ଥାନରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଉପରେ ଇତି ମଧ୍ୟରେ କେନ୍ଦ୍ର ସରକାର ବସାଇଥିବା ଯଶବନ୍ତ ସିଂହ କମିଶନ ତାଙ୍କ ରିପୋର୍ଟ ଦେଇ ସାରିଲେଣି ବୋଲି ସେ ଉଲ୍ଲେଖ କରିଥିଲେ । ସିପିଆଇ ସଭ୍ୟ ନାରାୟଣ ରେଡ୍ଡୀ ମଧ୍ୟ ଅନୁରୂପ ଦାବି ଉତ୍ଥାପନ କରିଥିଲେ । ଶାସକଦଳ ସଭ୍ୟ ପ୍ରଦୀପ ମହାରଥୀ ଏହି ପ୍ରସଙ୍ଗ ଉଠାଇ କହିଲେ ଯେ ଓକିଲମାନଙ୍କ ଆନ୍ଦୋଳନ ନେଇ ରାଜନୀତି ନହେଉ । ବିଧାୟକ ଉମେଶ ସ୍ୱାଇଁ ଓକିଲମାନଙ୍କ ଆନ୍ଦୋଳନର ସମାଧାନ ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ । ବିରୋଧୀଦଳ ମୁଖ୍ୟ ସଚେତକ ସତ୍ୟଭୂଷଣ ସାହୁ ଓକିଲମାନଙ୍କ ଆନ୍ଦୋଳନ ସମ୍ପର୍କରେ ଦିଆଯାଇଥିବା ମୁଲତବୀ ପ୍ରସ୍ତାବ ଉପରେ କେବେ ଆଲୋଚନା ହେବବୋଲି ନିର୍ଦ୍ଦିଷ୍ଟ ଭାବେ ଜାଣିବାକୁ ଚାହିଁଥିଲେ । କେବେ ଏ ପ୍ରସଙ୍ଗରେ ଆଲୋଚନା ହେବ ସେ ସମ୍ପର୍କରେ ଉପବାଚସ୍ପତି ପ୍ରହଲ୍ଲାଦ ଦୋରା କିଛି 'ରୁଲିଙ୍ଗ' ନଦେବାରୁ ବିରୋଧୀ ବିଧାୟକମାନେ ଗୃହର ମଧ୍ୟଭାଗକୁ ଚାଲିଆସିଥିଲେ । ମୁଖ୍ୟ ସଚେତକ ସତ୍ୟଭୂଷଣ ସାହୁ, ବିଧାୟକ ସଦନ ନାୟକ, ନିମାଇଁ ସରକାର, ରବୀନ୍ଦ୍ର ମଲ୍ଲିକ, ଚିରଞ୍ଜିବୀ ବିଶ୍ୱାଳ, ନରେନ ପଲେଇ ପ୍ରମୁଖ ମଧ୍ୟଭାଗରେ ପାଟିତୁଣ୍ଡ କରିବା ସହ ଏହି ପ୍ରସଙ୍ଗରେ ଆଲୋଚନା ଦାବି କରିଥିଲେ । ବିରୋଧୀ ବିଧାୟକମାନେ ଗୃହର ମଧ୍ୟଭାଗରେ ପାଟିତୁଣ୍ଡ କରୁଥିବାବେଳେ ଶାସକଦଳର ସଭ୍ୟମାନେ ଓଡ଼ିଶାରେ ଆଇଆଇଟି ସ୍ଥାପନ ପ୍ରସଙ୍ଗରେ କେନ୍ଦ୍ରର ବୈମାତୃକ ମନୋଭାବ ବିରୋଧରେ ନିଜ ନିଜ ଆସନରେ ଛିଡ଼ାହୋଇ ଧ୍ୱନିମାନ ଦେଇଚାଲିଥିଲେ । ପରିସ୍ଥିତି ଅସ୍ୱାଭାବିକ ହେବାରୁ ଉପବାଚସ୍ପତି ଗୃହର କାର୍ଯ୍ୟକୁ ଅପରାହ୍ନ ୧୨ଟା ୧୨ମିନିଟରୁ ଗୋଟାଏ ପର୍ଯ୍ୟନ୍ତ ମୁଲତବୀ କରିଦେଇଥିଲେ । ପୁନର୍ବାର ଦିନ ଗୋଟାଏବେଳେ ଆରମ୍ଭ ହେବାମାତ୍ରେ ବିରୋଧୀ ବିଧାୟକମାନେ ଆଲୋଚନା ଦାବିରେ ଗୃହରେ ହଟ୍ଟଗୋଳ କରୁଥିବାବେଳେ ଶାସକଦଳର ମୁଖ୍ୟ ସଚେତକ କିଶୋର ମହାନ୍ତି ରାଜ୍ୟରେ ଆଇଆଇଟି ସ୍ଥାପନ ନେଇ କେନ୍ଦ୍ର ବୈମାତୃକ ମନୋଭାବ ପ୍ରଦର୍ଶନ କରୁଛି ବୋଲି କହିଥିଲେ । ଗୃହରେ ପୂର୍ବପରି ଅସ୍ୱାଭାବିକ ପରିସ୍ଥିତି ଲାଗିରହିବାରୁ ଉପବାଚସ୍ପତି ପୁନର୍ବାର ୧ଟା ୦୨ମିନିଟରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ କରିଦେଇଥିଲେ ।